ମରିବା ଡର

ଶ୍ରୀ ଭିକାରୀ ଚରଣ ପଟ୍ଟନାୟକ

GPNanda Colln., Digitized by srujanika@gmail.com

ମରିବା ଡର

ରାଗ—ଗଡ଼ ମାଳଶ୍ରୀ

ଚାଳ—ଆଡ଼ ଚାଳ

ମରିବା ଡରଟି ସମସ୍ତଙ୍କର ।
ଯେତେ ଜନମନ୍ତି ସମସ୍ତେ ମରନ୍ତି
ବଞ୍ଚି ନ ରହନ୍ତି ଜଣେ ମାତର ।
କରିବ ଯାହା ବିଚାରି କର
ନ ଭୁଲ ହେବ ନୁହଁ ଅମର ।

— ୨ —

ମରିବା ଡରଟି ମନୁଷ୍ୟଙ୍କର;
ଥିଲେହେଁ ମନୁଷ୍ୟ ହେଜ ନ ରଖନ୍ତି
ମରିବାକୁ ଦିନେ ହେବ ମୁକର ।
ନ ଥାନ୍ତା ଯେବେ ମରିବା ଡର ।
କେଜାଣି କସ କରନ୍ତେ ନର !

ଏକ

GPNanda Colln., Digitized by srujanika@gmail.com

— ୩ —

ଲୁଡ଼ି ଦେଲେ ଖାଲି ମରିବା ଡର,
ଆଜ ଯେତେ ଡର ନର ନ ମାନନ୍ତି
ମଣନ୍ତି ସେ ବୁଢ଼ା ଅନ୍ଧ ଇତର ।
ସମାଜ ପାଇଁ ନାହିଁ ଖାତର,
ସମାଜ ମୁଣ୍ଡ ପାଦେ ତାଙ୍କର ।

— ୪ —

ମଣନ୍ତି କ୍ଷମତା ଯେତେ ନଜର,
ସମାଜରେ ଯେତେବ ପାତ୍ରା ସେ କରିବେ
କରି ଯିବେ ନାହିଁ କାହାକୁ ଡର ।
ସମାଜ ପୂଜ୍ୟ ପାତେ ତାଙ୍କର
ଦେବଙ୍କୁ ବଳି ଗଲେଣି ନର ।

— ୫ —

ଈଶ୍ବରଙ୍କୁ ଡର ନାହିଁ ତ ଆଜ,
ତାଙ୍କର ହାତରୁ କେତେ ମହେଶ୍ବର
ଫୁଟି ଉଠୁଛନ୍ତି ବ୍ରହ୍ମଁ ନ ବ୍ରହ୍ମଁ ।
ଫିକଳ ମାଡ଼ କେ କେତେ କାହ୍ନୁଁ
ସାମାନ୍ୟ ନଜ ହାତରେ ଦାଉ ।

ଦୁଇ

GPNanda Colln., Digitized by srujanika@gmail.com

— ୬ —

ମନୁଷ୍ୟ ସମାଜ ମନୁଷ୍ୟଙ୍କର,
କପାଇଁ କାହାକୁ ଯେ ଆଜି ଡରିବେ ?
ଖେଳାନ୍ତୁ ଯେ ଯେତେ ଫନ୍ଦ ଫିକର
ଫନ୍ଦରେ ଯେନ୍ତୁ ଯେତେ ପ୍ରକାର
ସେନ୍ତି ତ ମାତ୍ର ବଢେ ଶିଖର ।

— ୭ —

ଥିଲା ଯେତେବ ଡର ନାନା ପ୍ରକାରର
ଚଳି ଯାଉଥିଲା ସୁଖରେ ସମାଜ
ବଦଳି ପଡ଼ୁଛି ଆକାର ତାର ।
ଦେବାକୁ ସେନ୍ତ ଡର ଅସାର
ଗଲାଣି ବଳି ଦୁଃଖ ଭଣ୍ଡାର ।

— ୮ —

ଡର ଥିଲା ମନ୍ତ୍ର କହିବା ପାଇଁ,
ଆଜି ମନ୍ତ୍ର ଗୁଡ଼ ସବୁ ଯେ କହିବ
ଦଣ୍ଡ ଦେଲେ ତିନି ମାରିବ ନାହିଁ,
ଶୂନ୍ୟକୁ ରହି ଅବି ସେ ବୁଢ଼ି
ଗାଇବ ଦୁଃଖ କେମନ୍ତେ କହି !

[illegible]

GPNanda Colln., Digitized by srujanika@gmail.com

— ୯ —

ବଢ଼ୁଛି ସେ ଭଲ ମିଛ ବଜାର
ଦାଣ୍ଡ, ଘାଟ, ଘରଠାରୁ ଦରବାର
ସବୁଆଡ଼େ ଭୁଚ୍ଛା ମିଛ ବେପାର ।
ଶୁଣିବ କାନେ ଧର୍ମାବତାର,
ଗଣିବ ମିଛ କେତେ ପ୍ରକାର ।

— ୧୦ —

ନାହିଁ କାହିଁ ଆଜ ମିଛକୁ ଡର
ଖୋଜଲେ ନ ପାଇ ମିଛ-ଶୂନ୍ୟ ସ୍ଥାନ,
ମିଛ ବିନା ଚଳ ନ ପାରେ ଘର,
ମିଛକୁ କରେ ଯେ ଅନାଦର
ଦୁଃଖରୁ ହୁଏ ସେ ହରବର ।

— ୧୧ —

ଲୋଡ଼ା ଏବେ ମିଛ ପ୍ରଚାର ପାଇଁ,
ବିଜ୍ଞ ସକଳ ବିଚକ୍ଷଣ ମତ
ସତ୍ୟ ପାଇଁ ସ୍ଥାନ ଖୋଜି ନ ପାଇ ।
ମିଥ୍ୟାର ଯୋଗ ଭୋଗକୁ ବୁଝି
ଭୁଲିଛି ସତ୍ୟ କାହିଁ ପଳାଇ ।

GPNanda Colln., Digitized by srujanika@gmail.com

— ୧୨ —

ବଡ଼ା ଜମିଦାର ଗଲେଣି ଉଡ଼ି,
ଖାଦୁ ଗାତକାର ଯେତେ ଜାଗିରଦାର
ସେତକ ତ ଏବେ ଗଲେଣି ବୁଡ଼ି,
ସେମାନେ ବସି ଦେବାକୁ ମୁଡ଼ି
ଗଲେଣି ତାଙ୍କ ଡର ଦୂରୁଡ଼ି ।

— ୧୩ —

ଥିଲା ମୁନିବଙ୍କୁ ଭୃତ୍ୟଙ୍କ ଡର,
ସେତକ ଏଣିକି ଗଲାଣି ଉଲଟି
ଡର ବଢ଼ିଲାଣି ମୁନିବଙ୍କର ।
ଯା' ସଙ୍ଗେ ଥିଲା ଯେଉଁ ଆସ୍ତର
ଗଲାଣି ଫେରି ଆକାର ତାର ।

— ୧୪ —

ନ ଡରନ୍ତୁ ଏବେ ଗୁରୁଙ୍କୁ ଛାଟ
ପଦକ କଥାରୁ ଯୁକ୍ତି ସାତ ପଦ,
ଶୁଣି ଶୁଣି ଗୁରୁ ହୁଅନ୍ତି କାଠ ।
ନାହିଁ ତ ଆଜ ହାତରେ ଛାଟ,
ଓଲଟା ପାଠ, ଓଲଟା ବାଟ ।

GPNanda Colln., Digitized by srujanika@gmail.com

— ୧୫ —

ପଣ ଭର୍ତ୍ତିରେ ମାତା ପିତାଙ୍କୁ,
ହେବୁ ଫେଲ୍‌ଯେଣି ସେ ଡର ଗଲାଣି,
ଡରିଲେଣି ପିତା ମାତା ପିଲାଙ୍କୁ ।
ବୁଡ଼ାଏ ନଇ ପିଲ ଉର୍ଦ୍ଧକୁ
ହେଜଲେ କାବା ହେବେ ଏବକୁ ।

— ୧୬ —

ବୋହୂଙ୍କର ଧାର୍ଣ୍ଣି ଶାଶୂଙ୍କୁ ଡର
ମୁରବୀ ମଣରେ କଥାରେ କଥାରେ
ଥିଲା ଯେତେ ଡର ନାହିଁ ଏଥର ।
ପ୍ରଜାତ ଚିହ୍ନ ଏହି ଆମର
ଉନ୍ନତ ଗତି ଆଜ ଦେଶର ।

— ୧୭ —

ମିଷ୍ଟରଙ୍କୁ ଡର ମାଇପଙ୍କର,
ଥିଲା ଏତେକାଳ ଆଜ ନ ରହିବ,
କଦବା କାହିଁ ଯା, ଅଣ୍ଟି ମାଡ଼ର ;
ସେଦିନ ଉଡ଼ିଯିବ ଏଥର
ନାଶ୍ୱଙ୍କ ଜାଗା ହେବ ପ୍ରଖର ।

ଶେଷ ।

GPNanda Colln., Digitized by srujanika@gmail.com

— ୧୮ —

ଗ୍ରାମେ ଗ୍ରାମେ ଥିଲେ ଯେ ସେବକାଭାଗ
କୁମ୍ଭାର, କେଉଟ, ସଙ୍ଖୁଆ, ମଳିକ,
ଗୋପାଳ, ଚମାର, ଧୋବା, ଭଣ୍ଡାରି,
କାମରେ ଡର ତାଙ୍କର ଘର
ଥିଲା, ସେ ଆଜ ନାହିଁ କାହାର ।

— ୧୯ —

କୁକ୍କୁର ଆମର ଥିଲେ ଦାଣ୍ଡରେ,
ଜାଣନ୍ତୁ ଜନ୍ମତ ସଙ୍ଗେ ସଙ୍ଗେ ସେତ
ଛୁଟିଲେଣି ଦେଖୁ ଥାଇଁ ମୁଣ୍ଡରେ ।
ଚମକ ରହୁଥିଲେ ଭୁଣ୍ଡରେ,
ଏବେ ତ ଲୁଟିଲେଣି ଗଣ୍ଡରେ ।

— ୨୦ —

ଆନ୍ତର କାହାର କେତେ ଏ ଭଲ
ଡର ଛାଡ଼ି ଯାଇ ସାହସ ବଢ଼ିଛି,
ସେତିକ ସହଜେ ନ ହେବ ଭଲ ।
ଏ ଭଲ ଡର ଭଲକ ଭଲ
ଯା'ଥିଲା ସବୁ ଗଲାଣି ଜଳ ।

ସାଙ୍ଗ

— ୨୧ —

ସବୁଠାରୁ ଥିଲା ଅଧିକ ଡର;
ଦ୍ୱେଷୀ ଜଣ କେହି ଧରା ପଡ଼ିଗଲେ
ଅତି ହୀନ ମାନ ଦଶା ତାଙ୍କର ।
ଏ ଡର ଥିଲା ଯୁଗ ଯୁଗରେ,
ସେତେକ ଆଜ ନାହିଁ ଏଥର ।

— ୨୨ —

ଦ୍ୱେଷ ଉଠିଲାଣି କାହିଁକି କାହିଁ
ଦ୍ୱେଷୀ ଜନମାନ ବଢ଼ୁଛି ଯେ ଭଳି
ଦ୍ୱେଷ ଡର ଆଜ ରହିବ କାହିଁ ?
ଦ୍ୱେଷୀଙ୍କୁ ଦ୍ୱେଷ କହିବା ପାଇଁ
ଦେଶରେ କ୍ଷୁଣ୍ଣ କାହାର ନାହିଁ ।

— ୨୩ —

ଦ୍ୱେଷର ମହତ୍ତ୍ୱ ଯାଉଛି ବଢ଼ି,
ଦ୍ୱେଷ କରିବାକୁ କେହି ନ ଡରନ୍ତି,
ଦ୍ୱେଷ ନ କଲେ ସେ ଯାଉଛି ଗଢ଼ି,
ଚଳକୁ ସେତ ଯାଉଛି ପଡ଼ି,
ଶୁଣୁଛି କିଏ କାହିଁ ତା ରଡ଼ି ।

ଆଠ

GPNanda Colln., Digitized by srujanika@gmail.com

— ୨୪ —

କେଉଁ ଲାଭ ଏବ ଶ୍ରେଷ୍ଠ ଲାଭକୁ !
ଅଳପ ଶ୍ରେଷ୍ଠରେ ସିନା ଡରବର
ଡର ନାହିଁ ଉଠିଗଲେ ଝଡକୁ !
ଉପରେ ସବୁ ଜନ ହିତକୁ
ଜଳକା ବାଣ ବୁଜେ ନେସବକୁ ।

— ୨୫ —

ସାଧାରଣ ପାଣ୍ଠି ସମସ୍ତଙ୍କର,
ଯେ ହରି ପାରିବ, ଯେ ଜାରି ପାରିବ
ଜାଣିବ ପାରିଲା ପଣ ତାଙ୍କର ।
କାଗଜ ଥିଲେ ସଫା ସୁନ୍ଦର
ଧଡ଼ିଲେ ଛଡ଼ ହେବ ମାତର ।

— ୨୬ —

ବେଶୀ ଡର ଥିଲା ଶାସନ ଦଣ୍ଡ,
ନ୍ୟାୟକୁ ଠେଲରେ କେତେ ଲଣ୍ଡଭଣ୍ଡ
ଗଣିବାକୁ ପୁଣି ପଡ଼ନ୍ତା ଚଣ୍ଡ ।
ସେ ଡର ହୋଇ ଗଲାଣି ପଣ୍ଡ
ନ୍ୟାୟକୁ ଧରି ନାଚନ୍ତି ଭଣ୍ଡ ।

ଜଣ

GPNanda Colln., Digitized by srujanika@gmail.com

— ୧୭ —

ଆହାର ଭିତରେ ବିଷ ମିଶାଇ
ବିକୁଛନ୍ତି ଜନ, କିଣୁଛନ୍ତି ଜନ,
ନ୍ୟାୟର ନମୁନା ଦେଖୁଥା ଘୃଣି ।
ଡର ତ ଉଡ଼ି ଗଲାଣି କାହିଁ
ନ୍ୟାୟକୁ କିଏ ଖୋଜୁଛି କାହିଁ ?

— ୧୮ —

ଆଜି ଯେତେ ଡର ଯେତିକ ପାଇଁ
ସେତିକ ବି ଆଜି କେମନ୍ତେ ରହିବ,
ଡରର ମହତ୍ତ୍ୱ କେ ବୁଝେ କାହିଁ !
ଡର ତ ଆଜି କାହାରି ନାହିଁ
କାହାକୁ କିଏ ଡରିବ କାହିଁ ?

— ୧୯ —

ଯେତେ ଯେତେ ଗୁଣ ମନୁଷ୍ୟଙ୍କର
ବିହ୍ନି ଖଞ୍ଜିଛନ୍ତି ଜନମ କାଳରୁ
ତହିଁ ମଧ୍ୟେ ସାର ଗୁଣଟି ଡର ।
ଡରକୁ ଅନାଦର ନ କର
ବୁଝିବ କେତେ ଗୁଣ ଡରର ।

ଭଣ

GPNanda Colln., Digitized by srujanika@gmail.com

— ୩୦ —

ହୃଦେ ଡର ରଖି ଯାହା କରିବ
ଯେତେ ସେ ଜଟିଳ ହେଲେ ଯେଉଁ କାମ
ଶେଷକୁ ସୁଫଳ ହେଲେ ମିଳିବ ।
ଡରିବା ଗୁଣେ ଫଳ ଫଳିବ,
ଡରିବା ଲୋଡ଼ା ବଳେ ଗୁଣିବ ।

— ୩୧ —

ଯେଉଁ କାମ କର ଡର ଆଗକୁ
ଜଗାଇ ରଖିଲେ ସେ ଡର ଆପଣେ
କାମକୁ ମଡ଼ାଇ ନେବ ବାଗକୁ ।
ନଡ଼ିବ ନାହିଁ କେବେ ଡରକୁ,
ଡରତ ଲୋଡ଼ା କାମ ସାଙ୍ଗକୁ ।

— ୩୨ —

ଅବିବେକ ପଣ ମରିବା ଡର,
ଜନମ ହେଲେ ତ ମରିବା ମୁକର ।
ବଞ୍ଚିବା ନିଶାଣ କାମ ଆମର ।
କାମରେ କେବେ ହେଳା ନ କର
ବଞ୍ଚିବା ନାହିଁ ହୋଇ ଅମର ।

GPNanda Colln., Digitized by srujanika@gmail.com

— ୩୭ —

ଡରି ଡରି ମରଣକୁ ଯେ ଯାନ୍ତି
ନ ମରି ରହିଛନ୍ତି କେବେ ଶୁଣା ନାହିଁ,
ତେବେ ମରଣକୁ ଡର କପାଇଁ ?
ଡରିବା ନିଜ କାମକୁ ଯାହିଁ
ଡରିବା ଫଳ କାମରେ ପାଇ ।

— ୩୮ —

କାମ ମୂଳ ଧରି କାମରେ ଲାଗ
ସେ କାମ କରିବ ଡର ରଖିଥିଲେ
ସେ କାମ ସଫଳ ହେବନି ଆଗ ।
ମିଳିବ ସୁଖ ଶାନ୍ତିରେ ଭରା
ବାନ୍ଧବ ଆପେ ଆପଣା ପାଗ ।

—୦—

କଟକ କୃଷକ ପ୍ରେସରେ, ପ୍ରଫୁଲ୍ଲ କିଶୋର ଦାସଙ୍କ ଦ୍ୱାରା ମୁଦ୍ରିତ

GPNanda Colln., Digitized by srujanika@gmail.com

କୁଟୀର ଶିଳ୍ପ ମଧ୍ୟରେ ପ୍ରଧାନ ଓଡ଼ିଶାର ତନ୍ତ ଶିଳ୍ପକୁ ପୁନର୍ଜୀବିତ କରିବାରେ କୃତିତ୍ୱ ଦେଖାଇ ଅମରତ୍ୱ ଲାଭ କରିଥିବା ମୋହର ବନ୍ଧୁ ଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ଶ୍ରୀହସ୍ତରେ ଏହି କ୍ଷୁଦ୍ର ପୁସ୍ତିକା ଖଣ୍ଡି ସ୍ନେହର ନିଦର୍ଶନ ସ୍ୱରୂପ ଅର୍ପଣ କଲି ।

୧୯-୩-୫୮
କଟକ } ଲେଖକ

ମୂଲ୍ୟ—ଏକ ଅଣା

GPNanda Colln., Digitized by srujanika@gmail.com